The Odisha Gazette

EXTRAORDINARY

PUBLISHED BY AUTHORITY

No. 3836 CUTTACK, TUESDAY, SEPTEMBER 16, 2025/BHADRA 25, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

No. 19118—RDM-LAA-MBJ-0009/2025-R&DM Dated 27th May 2025

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ତେନ୍ତୁଳିଗାଁ ସବ୍ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା-ମଧୁଖୁଣ୍ଟା, ଥାନା- ବୈଶିଙ୍ଗା, ନଂ. ୨୨୩, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୧.୦୭ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR &R Act, 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀ ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୁପ- ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ବ୍ରାଞ୍ଚ କେନାଲ, କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ତେନ୍ତୁଳିଗାଁ ସବ୍ ମାଇନର ନିର୍ମାଣ ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।

୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପ ଜିଲ୍ଲାପାଳ, ବାରିପଦା ।

୬- ଜମିର ବିବରଣୀ-

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	ପ୍ଲଟ୍ ର ମୋଟ ରକବା	ଅଧିସୂଚୀତ ଜମିର ରକବା	ରୟତ୍‌ର ନାମ
ମୟୂରଭଞ୍ଜ	ବେତନଟୀ	ମଧୁଖୁଣ୍ଟା	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ. ୩.୬୮	ଏ. ୧.୦୭	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ , ବାରିପଦା , ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଦେଉଳି ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଶ ନେଶ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ଭୂମି ଅନୁସୂଚି

ଭୂଅର୍ଜନ ମାମଲାସଂଖ୍ୟା- ୧୦୮/୨୦୨୩

ଏ ୧.୦୭ ଡେ.ମି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ, କେଶରୀ ଡିଷ୍ଟ୍ରିବ୍ୟୁଟାରି, ତେନ୍ତୁଳିଗାଁ ସବ - ମାଇନର ନିମନ୍ତେ

ମୌଜା - ମଧୁଖୁଣ୍ଟା, ଥାନା - ବୈଶିଙ୍ଗା, ନଂ - ୨୨୩, ତହସିଲ - ବେତନଟୀ, ଜିଲ୍ଲା - ମୟୂରଭଞ୍ଜ

ଖାତା ନଂ	ପ୍ଲଟ ନଂ	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
29	169	୧.୫୩	0.40	ଶାରଦ ଦୁଇ	ଖାଣ୍ଟିଲି ମାଝୀ ସ୍ୱା:ବୁର୍ଗା ମାଝୀ ଜା: ସାନ୍ତାଳ ବା: ତେନ୍ତୁଳି ଗାଁ
45	171	୦.୩୬	0.05	ଶାରଦ ଦୁଇ	ଚୈତନ ମାହାନ୍ତ ପି:ଛୁଟୁ ମାହାନ୍ତ ଜା: କୁଡୁମି ବା: ନିଜଗାଁ
55	168	୦.୦୬	0.04	ଶାରଦ ଦୁଇ	ଝଙ୍ଗଲ ମାଝୀ ପି:କାଲା ମାଝୀ ଜା: ସାନ୍ତାଳ ବା: ତେନ୍ତୁଳି ଗାଁ
	173	୦.୨୦	0.08	ଶାରଦ ଦୁଇ	
84	172	୦.୪୨	0.24	ଶାରଦ ଦୁଇ	ପୁରଷ୍ତମ ପଣ୍ଡା ପି:ରାଧାକୃଷ୍ଣ ପଣ୍ଡା ଜା: ବ୍ରାହ୍ମଣ ବା: ତେନ୍ତୁଳିଗାଁ
123	178/424	୦.୭୫	0.18	ଶାରଦ ଦୁଇ	ରାସେ ମାଝୀ ପି:ରେଣ୍ଡା ମାଝୀ ଜା: ସାନ୍ତାଳ ବା: ନିଜଗାଁ
147/79	171/492	୦.୩୬	0.08	ଶାରଦ ଦୁଇ	ଗୌରୀ ମହାନ୍ତ ସ୍ୱା:ରାମ ନାରାୟଣ ମହାନ୍ତ, ପି. ହାରାଧନ ମହାନ୍ତ ଜା: କୁଡୁମି ବା: ଫୁଲବାଡିଆ, ଥା. ରାସଗୋବିନ୍ଦପୁର, ଜି. ମୟୂରଭଞ୍ଜ
ମୋଟ	୦୭ ପ୍ଲଟ	ଏ ୩.୬୮ ଡେ ମି	ଏ ୧.୦୭ ଡେ ମି		

ରାଜ୍ୟପାଳଙ୍କ ଆଦେଶକ୍ରମେ
ପୁରଞ୍ଜନ ପ୍ରଧାନ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 3046—173+25